# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 June – 2025

*********************************

## ମୁଖ୍ୟ ସମ୍ବାଦ

- ମୃତ୍ତିକା, ସ୍ୱାସ୍ଥ୍ୟ ଏବଂ ଜଳସେଚନ କ୍ଷେତ୍ରକୁ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- କନ୍ଧମାଳ ଜିଲ୍ଲାରେ ୭୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ଇଦ୍-ଉଲ୍-ଜୁହା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ଏବଂ

- ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

*Desk*

# ପିଏମ୍-ଫାର୍ମସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତର ଅନ୍ନଦାତାମାନେ ସମାଜର ପଛୁଆ ସ୍ଥାନରୁ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ବର୍ତ୍ତମାନ ସମୟରେ କୃଷକଙ୍କୁ ଉଚିତ ସହାୟକ ମୂଲ୍ୟ, ସମୟୋଚିତ ଋଣ ଏବଂ ରେକର୍ଡ ଦେୟରେ ଐତିହାସିକ ବୃଦ୍ଧି ଘଟିଛି। ଏହା ପ୍ରତ୍ୟେକ ଚାଷୀଙ୍କ ପାଇଁ ସୁରକ୍ଷା ଏବଂ ସ୍ଥିରତାକୁ ସୁନିଶ୍ଚିତ କରିଛି। ଏହି ୧୧ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷକମାନଙ୍କ ଉନ୍ନତି ଏବଂ ସମୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣକରାଯାଇଛି। କୃଷି କ୍ଷେତ୍ରରେ ସାମଗ୍ରିକ ପରିବର୍ତ୍ତନକୁ ସୁନିଶ୍ଚିତ କରାଯାଇ ପାରିଛି । ମୃତ୍ତିକା, ସ୍ୱାସ୍ଥ୍ୟ ଏବଂ ଜଳସେଚନ ଆଦି ପ୍ରସଙ୍ଗକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହିସବୁ ପଦକ୍ଷେପ ଦ୍ୱାରା କୃଷକମାନେ ଉପକୃତ ହୋଇପାରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଆଗାମୀ ଦିନରେ କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଜାରି ରହିବ ।

*Kandhamal*

# ମୁଖ୍ୟମନ୍ତ୍ରୀ - କନ୍ଧମାଳ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କନ୍ଧମାଳ ଜିଲ୍ଲାର ବିକାଶ ନିମନ୍ତେ ୭୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୦ଟି ଉନ୍ନୟନ ମୂଳକ

ପ୍ରକଳ୍ପର ଉଦ୍‌ଘାଟନ ଓ  ଶିଳାନ୍ୟାସ କରିଛନ୍ତି। ଏହା ସହ ଫୁଲବାଣୀଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୦୦ ଆସନ ବିଶିଷ୍ଟ ନୂତନ ସରକାରୀ ଭେଷଜ ବିଦ୍ୟାଳୟ ଏବଂ ୧୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଲୋକାର୍ପଣ କରିଛନ୍ତି। ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ଡାକ୍ତରୀ ଶିକ୍ଷାକ୍ଷେତ୍ରରେ ଏହା ବଳିଷ୍ଠ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

***Sonepur***

## ମୁଖ୍ୟମନ୍ତ୍ରୀ– ସୁବର୍ଣ୍ଣପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ତଥା ବିଭିନ୍ନ ସଫଳତାକୁ ନେଇ ବିକାଶ ସମାରୋହରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏଥିସହ କେତୋଟି ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ କରିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ୍‌ଠାରେ ଆୟୋଜିତ ବିକାଶ ସମାରୋହକୁ ନେଇ ଆମ ସମ୍ବାଦଦାତା ବେଣୁଧର ପ୍ରଧାନ କହିଛନ୍ତି...

**- V/O –**

***HS***

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ସମାରୋହ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୦ ତାରିଖରେ ଓଡ଼ିଶା ଆସିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ୧୨ ତାରିଖ ପାଇଁ ସ୍ଥିର କରାଯାଇଥିଲା। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି...

**- V/O –**

***Desk***

## ଆତ୍ମନିଯୁକ୍ତି ଯୋଜନା

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ଗ୍ରାମୀଣ ଏବଂ ସହରାଞ୍ଚଳରେ ଔଦ୍ୟୋଗିତା ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛି। ଯାହା ଦେଶରେ ସବୁଠାରୁ ପ୍ରଭାବଶାଳୀ ଆତ୍ମନିଯୁକ୍ତି ଯୋଜନା ଭାବେ ପରିଗଣିତ ହୋଇପାରିଛି। କେନ୍ଦ୍ର ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ଖଦୀ ଓ ଗ୍ରାମ୍ୟୋଦଗ ଆୟୋଗ–କେ.ଭି.ଆଇ.ସି. ପକ୍ଷରୁ ଏହି ଯୋଜନା ଅଧୀନରେ ୮ ହଜାର ୭୪୯ ହିତାଧିକାରୀଙ୍କୁ ୩୦୦ କୋଟି ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଛି। ଏହି ସହାୟତା ରାଶି ପ୍ରାୟ ୮୮୪ କୋଟି ଟଙ୍କା ଋଣ ମଞ୍ଜୁରୀ ପ୍ରତିବଦଳରେ ପ୍ରଦାନ କରାଯାଇଛି।

# ଇଦ୍-ଉଲ୍-ଜୁହା

ମୁସଲମାନ ସମ୍ପ୍ରଦାୟର ଧାର୍ମିକ ପର୍ବ ଇଦ୍-ଉଜ୍-ଜୁହା ଆଜି ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠର ଆୟୋଜନ କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଜ୍ ଜୁହା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଏହି ପର୍ବକୁ ବଳିଦାନ, ବିଶ୍ୱାସ ଏବଂ ମାନବିକ ମୂଲ୍ୟବୋଧର ପ୍ରତିଫଳନ ବୋଲି ବାର୍ତ୍ତାରେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଶୁଭେଚ୍ଛା ଜଣାଇ ସମାଜରେ ଶାନ୍ତି ଏବଂ ସଂହତିକୁ ସୁଦୃଢ଼ କରିବା ଦିଗରେ ଏହି ପର୍ବ ପ୍ରୋତ୍ସାହିତ କରିଥାଏ ବୋଲି କହିଛନ୍ତି ।

ଇଦ୍-ଉଲ୍-ଜୁହା ଉପଲକ୍ଷେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀ ମାନଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

ଭଦ୍ରକ ଜିଲ୍ଲାରେ ଇଦ୍-ଉଲ୍-ଜୁହା ପର୍ବ ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଯାଇଛି । ଜିଲ୍ଲାର ଚାରୋଟି ପୌରାଞ୍ଚଳ ସମେତ ୭ଟି ବ୍ଲକର

୧୪୦ଟି ମସଜିଦ୍‌ରେ ହଜାର ହଜାର ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଯୋଗଦେଇ ସାମୂହିକ ପ୍ରାର୍ଥନା, ନମାଜ ପାଠ କରିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁସଲମାନ ଭାଇଭଉଣୀମାନେ ସାମୂହିକ ନମାଜ ପାଠ କରିଛନ୍ତି।

***BBSR/R***

## ପିଏମ୍ ଆବାସ- ମାଗଣା ବାଲି

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ନିଃଶୁଳ୍କରେ ଦୁଇ ଟ୍ରାକ୍ଟର ବାଲି ଯୋଗାଇ ଦିଆଯିବାକୁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ସହଜରେ ଘରଟିଏ ତିଆରି କରିପାରିବେ। ଏଥିପାଇଁ ସେମାନଙ୍କୁ ପରମିଟ୍ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ବାଲି ଚୋରି ରୋକିବା ଲାଗି ନୂଆ ମାର୍ଗଦର୍ଶିକା ଖୁବ୍‌ଶୀଘ୍ର ଆସିବ ବୋଲି ମନ୍ତ୍ରୀ କହିଛନ୍ତି।

***DHNKL***

## ମୁଦ୍ରା ଯୋଜନା

ଢେଙ୍କାନାଳ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୭୮ ହଜାର ୩୯୪ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। ୨୬ଟି ଜାତୀୟ ଓ ବେସରକାରୀ ବ୍ୟାଙ୍କ ପକ୍ଷରୁ ଛୋଟ ବ୍ୟବସାୟୀ ତଥା ମସଲା ଦୋକାନୀ, ବହି ଦୋକାନ, ସିଲେଇ ଦୋକାନୀ

ଆଦିଙ୍କୁ ୫୬୧ କୋଟି ୨୫ ଲକ୍ଷ ଟଙ୍କା ଋଣ ଆକାରରେ ଦିଆଯାଇଛି। ଏହି ଋଣ ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଛୋଟ ଛୋଟ ବ୍ୟବସାୟୀ ଉପକୃତ ହୋଇପାରିଛନ୍ତି ବୋଲି  କୁହାଯାଇଛି।

***Puri***

# ଚମ୍ପକ ଦ୍ୱାଦଶ ନୀତି

ପବିତ୍ର ଜ୍ୟେଷ୍ଠ ଶୁକ୍ଲପକ୍ଷ ଦ୍ୱାଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଚମ୍ପକ ଦ୍ୱାଦଶ ନୀତି ଅନୁଷ୍ଠିତ ହେବ । ପରମ୍ପରା ଅନୁସାରେ ଶ୍ରୀଜୀଉମାନଙ୍କର ଗତକାଲି ରୁକ୍ମିଣୀ ହରଣ ଏକାଦଶୀ ନୀତି ଅନୁଷ୍ଠିତ ହୋଇ ବିବାହ ନୀତି ପାଳନ କରାଯାଇଥିଲା । ଗଜପତି ମହାରାଜ ବିବାହ ଠାକୁରଙ୍କୁ ବଡଦାଣ୍ଡରୁ ପାଛୋଟି ନେବା ସହ ଶ୍ରୀନହରରେ ସ୍ୱତନ୍ତ୍ର ବନ୍ଦାପନା ନୀତି ଅନୁଷ୍ଠିତ ହେବ । ପରବର୍ତ୍ତୀ ସମୟରେ ଠାକୁରମାନଙ୍କର ଜମ୍ବେଶ୍ୱର ମନ୍ଦିରକୁ ବିଜେକରିବେ ଏବଂ ପରେ ଆଜି ପଞ୍ଚଗ୍ରାସୀ ନୀତି ସମାପନ କରାଯିବ ।

***Puri***

# ପୁରୀ- ରଥ ନିର୍ମାଣ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋର୍‌ରେ ଚାଲିଛି। ଆଜି ତିନିରଥର ଚାରି ନାହାକା ଉଠିଥିବା ବେଳେ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଏହି କାର୍ଯ୍ୟ ଶେଷ ହେବ ବୋଲି ଭୋଇ ସେବକ ମାନେ କହିଛନ୍ତି। ଅନ୍ୟପକ୍ଷରେ ରଥରେ ପାର୍ଶ୍ୱମୁହାଁଣ୍ଟି ଲାଗି ହେବା ସହ

କୋଲାଗୟଳ ମୋଡ଼ା କାର୍ଯ୍ୟକ୍ରମ କରାଯିବ ବୋଲି ଭୋଇ ସର୍ଦ୍ଦାରମାନେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ରଥଯାତ୍ରା ଶେଷ ହେବାପରେ ରଥ ଉପକରଣ ବିକ୍ରି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିସହ ନୂଆ ଦୂର ମଧ୍ୟ ନିର୍ଦ୍ଧାରଣ ହୋଇଛି। ନନ୍ଦିଘୋଷ ରଥର ଚକପିଛା ୩ ଲକ୍ଷ,  ତାଳଧ୍ୱଜ ରଥର ଚକ ପିଛା ୨ ଲକ୍ଷ ଏବଂ ଦର୍ପଦଳନ ରଥ ଚକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହପିରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ୧୫ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ପ୍ରଭା ପିଛା ମୂଲ୍ୟ ୨୫ ହଜାର ଟଙ୍କା ରଖାଯାଇଛି। ତେବେ ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ କିଣିଲେ ଏହାର ୬ ଲକ୍ଷ ଟଙ୍କା ସ୍ଥିର ହୋଇଛି। ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

***Puri***

## ମକ୍‌ଡ୍ରିଲ୍

ସ୍ନାନ ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ ଓ  ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଆଜି ପୁରୀ ଟାଉନ୍ ଥାନା ପରିସରରେ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡଳୀ ଏନ୍.ଡି.ଆର୍.ଏଫ୍. ତୃତୀୟ ବାଟାଲିୟନର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ ଓ

ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏହି ମକ୍‌ଡ୍ରିଲରେ ସାମିଲ ହୋଇଥିଲେ। ସ୍ନାନଯାତ୍ରା ସମୟରେ କୌଣସି ଅଘଟଣ ଘଟିଲେ ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବେ କିଭଳି କରାଯାଇପାରିବ, ସେ ନେଇ କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା।

***Desk***

# ରଥଯାତ୍ରା ସୁପରିଚାଳନା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ପାଇଁ ରାଜ୍ୟ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି । ଆଇନ୍‌ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସଦସ୍ୟ ଅଛନ୍ତି ।

***Desk***

## ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ, ଯୋଗାଣ ଓ ସେବନ ପଦ୍ଧତି ଜରିଆରେ ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ ପାଳନ କରାଯାଉଛି। ଚଳିତବର୍ଷର ଏହି ଦିବସର ବାର୍ତ୍ତା

ରହିଛି 'ବୈଜ୍ଞାନିକ ପଦ୍ଧତିରେ ଖାଦ୍ୟ ନିରାପତ୍ତାର ସୁଦୃଢ଼ୀକରଣ'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଖାଦ୍ୟପେୟରୁ ଉତ୍ପନ୍ନ ହେଉଥିବା ରୋଗ ଯୋଗୁଁ ପ୍ରତିବର୍ଷ ପ୍ରାୟ ୪ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଖାଦ୍ୟ ମାନକକୁ ବଜାୟ ରଖିବାର ଗୁରୁତ୍ୱ ଉପରେ ବିଭିନ୍ନ ସଂଗଠନ ପକ୍ଷରୁ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ତେଣୁ ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଭିନ୍ନ ସ୍ଥାନରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ସଂକ୍ରାନ୍ତ ବିଭିନ୍ନ କର୍ମଶାଳା ଓ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

***Boudh***

## ପିଠାପଣା ପ୍ରତିଯୋଗିତା

ବୌଦ୍ଧ ଜିଲ୍ଲାରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ପାରମ୍ପରିକ ରୀତିରେ ପିଠାପଣା ପ୍ରତିଯୋଗିତାରେ ଭାଗ ନେଇଥିଲେ।

*********************************